ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , କେନ୍ଦୁଝର

( ତଉଜି ଉପବିଭାଗ )

( ସର୍ବସାଧାରଣ ନୋଟିସ )

ପତ୍ର ସଂଖ୍ୟା ୪୩୮ / ତଉଜି / ତାରିଖ ୨୩.୦୫.୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆର୍ଥିକ ବର୍ଷ ( 2019-20 )ରେ କେନ୍ଦୁଝର ଜିଲ୍ଲାର ଲଘୁଖଣିଜ ଜାତ ପଦାର୍ଥ ଉତ୍ସ ଗୁଡିକର ଚିଠା ସର୍ବେକ୍ଷଣ ରିପୋର୍ଟ (Draft Survey Report) ପ୍ରସ୍ତୁତ କରାଯାଇଥିଲା । ପରବର୍ତ୍ତୀ ସମୟରେ ସମୀକ୍ଷାରୁ ଜଣାଗଲାଯେ ଚୁଡାନ୍ତ କରାଯାଇଥିବା ସର୍ବେକ୍ଷଣ ରିପୋର୍ଟ (Draft Survey Report) ରେ କେତେକ ଲିଜ ଯୋଗ୍ୟ ଲଘୁଖଣିଜ ପଦାର୍ଥ ର ଉତ୍ସକୁ ସ୍ଥାନିତ କରାଯାଇନାହିଁ । ତେଣୁ ପୂର୍ବ ବର୍ଷରେ ଚୁଡାନ୍ତ ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟ (Draft Survey Report)ରେ ସଂଶୋଧନ ଆବଶ୍ୟକ ଅଟେ। ଅନୁରୂପ ଭାବେ, ରାଜ୍ୟରେ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପକୁ ନିରବିଚ୍ଛିନ୍ନ ଭାବେ ଲଘୁଖଣିଜ ଦ୍ରବ୍ୟର ଯୋଗାଣକୁ ସୁନିଶ୍ଚିତ କରାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ତହସିଲରେ କେତେକ ନୂତନ ଲଘୁଖଣିଜ ଉତ୍ସର ସୃଷ୍ଟି କରାଯାଇଛି ବା ନୂତନ ଉତ୍ସର ସୃଷ୍ଟି ପାଇଁ ସ୍ଥାନ ଚିହ୍ନଟ ହେବା ସହିତ ପରବର୍ତ୍ତୀ ପଦକ୍ଷେପ ନିଆଯାଇଛି । ଲଘୁଖଣିଜ ଉତ୍ସଗୁଡିକର ଲିଜ ପ୍ରକ୍ରିୟାକୁ ତ୍ୱରିତ କରିବା ସକାଶେ , ପୂର୍ବ ଚୁଡାନ୍ତ ତାଲିକାରୁ ବାଦ ପଡିଥିବା ଲଘୁଖଣିଜ ଉତ୍ସ ଓ ନୂତନ ଭାବେ ସୃଷ୍ଟି କରାଯାଇଥିବା ଉତ୍ସ ଗୁଡିକର ଚିଠା ପ୍ରସ୍ତୁତ କରାଯାଇ ତା ୨୩.06.2021 ରୁ ଜିଲ୍ଲା ୱେବ ପୋର୍ଟାଲ ( District NIC Web Portal - www.kendujhara.nic.in ) ରେ ଉପଲବ୍ଧ କରାଯାଉଛି । ଯଦି କୌଣସି ବ୍ୟକ୍ତି ଉକ୍ତ ଚିଠା ସର୍ବେକ୍ଷଣ ରିପୋର୍ଟ (Draft Survey Report)ସମ୍ବନ୍ଧୀୟ କୌଣସି ଆପତ୍ତି , ଅଭିଯୋଗ ବା ପ୍ରସ୍ତାବ /ସୁପାରିଶ ଆଣିବାକୁ ଚାହାନ୍ତି ତେବେ ଆସନ୍ତା ତା୧୪.୦୭.୨୧ରିଖ ମଧ ରେ ଜିଲ୍ଲା କାର୍ଯ୍ୟାଳୟର ତଉଜି ଉପବିଭାଗରେ ନିଜ ନିଜର ଲିଖିତ ଅଭିଯୋଗ ଦାଖଲ କରିପାରିବେ ।ପ୍ରକାଶ ଥାଉକି ନିର୍ଦ୍ଧାରିତ ତାରିଖ ପରେ କୌଣସି ଆପତ୍ତି ,ଅଭିଯୋଗ ବା ପ୍ରସ୍ତାବ /ସୁପାରିଶ ଗ୍ରହଣ କରାଯିବ ନାହିଁ ।

ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) , କେନ୍ଦୁଝର

ପରିପତ୍ର ସଂଖ୍ୟା ୪୪୦ / ତଉଜି / ତାରିଖ ୨୩.୦୫.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ସମସ୍ତ ଉପ-ଜିଲ୍ଲାପାଳ / ସମସ୍ତ ତହସିଲଦାର / ସମସ୍ତ ଗୋଷ୍ଠିଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ,କେନ୍ଦୁଝର

ପରିପତ୍ର ସଂଖ୍ୟା ୪୪୧ / ତଉଜି / ତାରିଖ ୨୩.୦୫.୨୦୨୧

ଏହାର ଏକକିତା ଓ କେନ୍ଦୁଝର ଜିଲ୍ଲାର ଲଘୁଖଣିଜଜାତ ଦ୍ରବ୍ୟ ସଂଶୋଧିତ 2021-22 ସର୍ବେକ୍ଷଣ ରିପୋର୍ଟ (Draft Survey Report) D.I.O. N.I.C. Keonjharଙ୍କ ନିକଟକୁ ପ୍ରେରଣ କରାଗଲା ।ସେ ଏହାକୁ ଜିଲ୍ଲା ୱେବ ପୋର୍ଟାଲ (District NIC Web Portal - www.kendujhara.nic.in ) ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରିବାକୁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ,କେନ୍ଦୁଝର